# Akashvani, Sambalpur

## SAMBALPURI NEWS EVENING BULLETIN

**3 November 2024- 7.02 pm- 7.12 pm.**

*************************************************

୧- ମହାନଦୀ ଜଳ ବିବାଦ୍‌ର ସମାଧାନ୍ ଉପ୍‌ରେ ଗୁରୁତ୍ୱ ଦେଉଛନ୍ ରାଜ୍ୟ ସର୍‌କାର୍- କହେଲେ ମୁଖ୍ୟମନ୍ତ୍ରୀ ।

୨- ବିଦେଶ ଗସ୍ତଥି ଯିବେ ମୁଖ୍ୟମନ୍ତ୍ରୀ ।

- ସିଙ୍ଗାପୁର୍ ନ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ -୨୦୨୫ଥି ହେବେ ସାମିଲ୍ ।

୩- ମାଧ୍ୟମିକ ଶିକ୍ଷା ବୋର୍ଡ଼ ମେଟ୍ରିକ୍ ପରୀକ୍ଷା ଲାଗି ଆଏଜ୍‌ଠାନୁ ମୁଲ୍ ହେଲା ଫର୍ମ ପୂରଣ୍ ।

ଆଉର୍

୪- ବଲାଙ୍ଗିର୍ ଜିଲ୍ଲାନ ଭିତିପ୍ରସ୍ତର୍ ଦିଆଯାଇଥିବା ପ୍ରକଳ୍ପ କାମ୍‌ର ଫି’ ମାସ ସମୀକ୍ଷା କର୍‌ବେ ଉପମୁଖ୍ୟମନ୍ତ୍ରୀ ।

ମହାନଦୀ ଜଳ ବିବାଦ୍ ପ୍ରସଙ୍ଗ        ବଲାଙ୍ଗିର୍ ସମ୍ବାଦଦାତା

ମହାନଦୀ ଜଳ ବିବାଦ୍ ପ୍ରସଙ୍ଗ୍‌କେ ରାଜ୍ୟ ସର୍‌କାର୍ ଗୁରୁତ୍ୱର୍ ସଙ୍ଗେ ନଉଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ ବଲାଙ୍ଗିର୍ ନ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ସେ କହିଛନ୍ ଯେ, ମହାନଦୀ ଜଳ ବିବାଦ୍ ବାବ୍‌ଦେ ଆଘୋନୁ ୨ ଥର୍ ଛତିଶ୍‌ଗଡ଼୍ ମୁଖ୍ୟମନ୍ତ୍ରୀଙ୍କର୍ ସାଙ୍ଗେ ଆଲୋଚନା ହେଇଛେ । ଆଏବା ଦିନେ ମହାନଦୀ ଉପ୍‌ରେ ଆନିକଟ୍‌ନୁ ନେଇକରି ବେରେଜ୍ ଆର୍ ନଦୀବନ୍ଧ ଯୋଜ୍‌ନା କାର୍ଯ୍ୟକାରୀ କରାଯିବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ମୁଖ୍ୟମନ୍ତ୍ରୀ -ସିଙ୍ଗାପୁର          ପ୍ରେସ୍ ରିଲିଜ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ୧୮ ନୁ ୨୦ ତାରିଖ୍‌ତକ୍ ପହେଲାଥର୍ ଲାଗି ୩ ଦିନିଆ ବିଦେଶ୍ ଗସ୍ତଥି ସିଙ୍ଗାପୁର୍ ଯିବେ । ସେନ ସେ ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍-୨୦୨୫ ରୋଡ୍ ସୋ ଥି ଯୋଗ୍ ଦେବେ । ଇତାର୍ ସହେତେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିବେଶକମାନ୍‌କର୍ ସହେତେ ଆଲୋଚନା କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ଇ ଆଲୋଚନାଥି ଗ୍ରୀନ୍ ଏନର୍ଜି, କେମିକାଲ୍ ସେମିକଣ୍ଡକ୍ଟର୍, ପେଟ୍ରୋ କେମିକାଲ୍ସ, ଆଇଟି,

ଟେକ୍ସଟାଇଲ୍ ଆର୍ ଫୁଡ୍ ପୋସୋସିଙ୍ଗ୍ ବାଗିର୍ କ୍ଷେତ୍ର ଉପ୍‌ରେ ଗୁରୁତ୍ୱ ଦିଆଯିବା ବଲି ସୂଚ୍‌ନା ମିଲିଛେ ।

ଧଉଲି ଶାନ୍ତିସ୍ତୁପ ଥାପ୍‌ନା ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଧଉଲି ଶାନ୍ତିସ୍ତୁପ ସାରା ପୁର୍‌ଥି ନ ଶାନ୍ତି ଆର୍ ଅହିଂସାର୍ ବାର୍ତା ପ୍ରଚାର୍ କରୁଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ ଧଉଲି ଶାନ୍ତିସ୍ତୁପର ୫୨ ତମ ଥାପ୍‌ନା ଦିବସ୍ ଅବ୍‌ସରେ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ଯେ, ସନାତନ ଧର୍ମ ବାଗିର୍ ବୌଦ୍ଧ ଧର୍ମର୍ ଭିଲ୍ ଆଧାର୍ ହେଉଛେ ଅହିଂସା । ଯେତେବଡ଼୍ ସମସ୍ୟା ଆଏଲେ ଭିଲ୍ ତାର୍ ସମାଧାନ୍ ହିଂସା ନୁହେଁ, ଆପୋଷ୍ କଥାବାର୍ତାଥି ହେଇପାର୍‌ବା । ହେଟାକେ ଆଧାର୍ କରିକରି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଋଷିଆ ଆର୍ ୟୁକ୍ରେନ୍ ଆର୍ ଇସ୍ରାଏଲ୍-ଆରବ୍ ଯୁଦ୍ଧର୍ ଶାନ୍ତିପୂର୍ଣ୍ଣ ସମାଧାନ୍‌ର ନିରନ୍ତର୍ ଚେଷ୍ଟା କରୁଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । କଳିଙ୍ଗ ନିପନ୍ ବୁଦ୍ଧ ସଂଘ ତର୍‌ଫୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ପୁର୍ତେ ଆଇନ୍ ଆଉ ଅବକାରୀମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଭିଲ୍ ଉପସ୍ଥିତ୍ ଥିଲେ ।

**ମେଟ୍ରିକ୍ ପରୀକ୍ଷା ଫର୍ମ ପୂରଣ୍**  ଆର୍ଏନ୍ୟୁ / ସମ୍ବଲପୁର

ମାଧ୍ୟମିକ ଶିକ୍ଷା ବୋର୍ଡ଼ ତର୍ଫରୁ ହେବାର୍କେ ଥିବା ୨୦୨୫ ଶିକ୍ଷା ବଛର୍ର ମେଟ୍ରିକ୍ ପରୀକ୍ଷା ଲାଗି ଫର୍ମ ପୂରଣ୍ ଆଏଜ୍ଠାନୁ ମୁଲ୍ ହେଇଛେ । ରେଗୁଲାର୍ ଆର୍ ଏକ୍ସରେଗୁଲାର୍ ଛାତ୍ରଛାତ୍ରୀମାନେ ୧୮ ତାରିଖ୍ତକ୍ ଅନ୍ଲାଇନ୍ଥି ଫର୍ମ ପୂରଣ୍ କରିପାର୍ବେ । ଫର୍ମ ପୂରଣ୍ ବାବଦ୍ ସବୁ ତଥ୍ୟ ବୋର୍ଡ଼ର ୱେବ୍ସାଇଟ୍ www.bseodisha.ac.in ଥି ମିଲୁଛେ ।  ବୋର୍ଡ଼ ତର୍ଫରୁ ବାହାରିଥିବା ବିଜ୍ଞପ୍ତି ଅନ୍ସାରେ ପତ୍ର ବିନିମୟ ପାଠ୍ୟକ୍ରମ୍ର ପରୀକ୍ଷାର୍ଥୀମାନ୍କର୍ ଲାଗି ବୋର୍ଡ଼ର ଆଂଚଲିକ୍ କାର୍ଯ୍ୟାଳୟ ନ ଅଫ୍ଲାଇନ୍ ଜରିଏ ଫର୍ମ ପୂରଣ୍ର ବ୍ୟବସ୍ଥା ରହିଛେ । ସେଆଡ଼େ ସ୍କୁଲ୍ ମାନ୍କୁ ହେଇଥିବା ୨ ଟା ଇଂଟର୍ନାଲ୍ ଏସେସ୍ମେଂଟ୍ ପରୀକ୍ଷାର୍ ମାର୍କ ଆଏଜ୍ଠାନୁ ସ୍କୁଲ୍ କର୍ତ୍ତୃପକ୍ଷ ବୋର୍ଡ଼ ୱେବ୍ସାଇଟ୍ଥି ଅପ୍ଲୋଡ଼୍ କରିଛନ୍ ।

**ଜନଶୁଣାଣି କାର୍ଯ୍ୟକ୍ରମ୍ ବନ୍ଦ**  ସୂଚନା ଲୋକସମ୍ପର୍କ ବିଭାଗ୍

ଭୁବ୍‌ନେଶ୍ୱର୍ ଠାନେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ନ ଆଏବାକାଏଲ୍ ଆଉ ୧୧ ତାରିଖ୍ ସୋମ୍‌ବାର୍ ଜନଶୁଣାଣି କାର୍ଯ୍ୟକ୍ରମ୍ ବନ୍ଦ୍ ରହେବା । ପରବର୍ତୀ ଅଭିଯୋଗ୍ ଶୁଣାଣିର୍ ତାରିଖ୍ ଲୋକ୍‌ମାନ୍‌କୁ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା । ଇ ବାବ୍‌ଦେ ସାଧାରଣ ପ୍ରଶାସନ୍ ଆର୍ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚନା ଦିଆଯାଇଛେ ।

ହାତୀ ମୃତ୍ୟୁ ତଦନ୍ତ-ଜଙ୍ଗଲ୍ ପରିବେଶ୍ ମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ଇ ବଛର୍ ଏବ୍‌ତକ୍ ଅସ୍ୱାଭାବିକ୍ ହାତୀ ମୃତ୍ୟୁର୍ ତଦନ୍ତ୍ କରିକରି ଦୋଷୀମାନ୍‌କର୍ ବିରୋଧ୍ ନ କଡ଼ା କାର୍ଯ୍ୟାନୁଷ୍ଠାନ୍ କର୍‌ବାର୍‌କେ ଜଙ୍ଗଲ୍ ପରିବେଶ୍ ଆର୍ ଜଲ୍‌ବାୟୁ ପରିବର୍ତନ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ନିର୍ଦ୍ଦେଶ୍ ଦେଇଛନ୍ । ରାଏଜେ ଇ ବଛର୍ ଏବ୍‌ତକ୍ ୫୦ ଟା ହାତୀ ମୃତ୍ୟୁ ଘଟ୍‌ନା ବାବ୍‌ଦେ ଖବର୍ ବାହାରିଥିବାର୍ ବେଲେ ବନଖଣ୍ଡ ଓ୍ୱାରି ଅସ୍ୱାଭାବିକ୍ ଭାବେ ହାତୀ ମୃତ୍ୟୁର୍ ତଦନ୍ତ୍ କରିକରି ଦୋଷୀ ଅଧିକାରୀମାନ୍‌କର୍ ବିରୋଧ୍ ନ କାର୍ଯ୍ୟାନୁଷ୍ଠାନ୍ କର୍‌ବାର୍ ସାଙ୍ଗେ ମାସେ ଭିତ୍‌ରେ ତାଙ୍କୁ ଜନାବାର୍‌କେ ମନ୍ତ୍ରୀ ଜଙ୍ଗଲ୍

ବିଭାଗ୍ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ୟୁପିଆଇ ଆର୍‌ଏନ୍‌ୟୁ/ କଟକ୍

ଇ ବଛର୍ ଅକ୍ଟୋବର୍ ମାସେ ୟୁନିଫାଏଡ୍ ପେମେଂଟ୍ ଇଂଟର୍‌ଫେସ୍-ୟୁପିଆଇଥି ୧ ହଜାର୍ ୬ ଶହ ୫୮ କୋଟି ଟଙ୍କାର୍ କାର୍‌ବାର୍ ହେଇଛେ ବଲି କେନ୍ଦ୍ର ସର୍‌କାର୍‌ଙ୍କର୍ ଗୁଟେ ସଂସ୍ଥା ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଗଲା ବଛର ଅକ୍ଟୋବର୍ ନୁ ଇ ବଛର୍ ଅକ୍ଟୋବର୍ ମାସେ ୟୁପିଆଇ କାର୍‌ବାର୍ ୪୫ ପ୍ରତିଶତ୍ ବଢ଼ିଛେ ।

ହାତ୍‌ବୁନା କପଡ଼ା ସୋରୁମ୍ ପ୍ରେସ୍ ରିଲିଜ୍

ରାଜ୍ୟର୍ ଲୋକ୍‌ମାନ୍‌କର୍ ଭିତ୍‌ରେ ହାତ୍‌ବୁନା କପ୍‌ଡ଼ାର୍ ଚାହିଦା ବଢୁଛେ । ଇ ବଛର୍ ଭୁବ୍‌ନେଶ୍ୱର୍ ଆର୍ ବ୍ରହ୍ମପୁର୍ ନ ଖୁଲିଥିବା ୨ ଟା ମେଗା ସୋ ରୁମ୍‌ଥି ଏବ୍‌ତକ୍ ୨ କୋଟିନୁ ଅଏତ୍‌କା ଟଙ୍କାର୍ କାର୍‌ବାର୍ ହେଇଛେ । ସୂଚ୍‌ନା ଅନ୍‌ସାରେ ଭୁବ୍‌ନେଶ୍ୱର୍ ନ ଥିବା ବିଜୁ ପଟ୍ଟନାୟକ୍ ଅନ୍ତର୍ଜାତୀୟ ବିମାନ୍ ବନ୍ଦର୍ ପରିସର ନ ଖୁଲିଥିବା ସୋରୁମ୍‌ଥି ୮୦ ଲାଖ୍ ଟଙ୍କା

ଆର୍ ବ୍ରହ୍ମପୁର୍‌ର ସୋରୁମ୍‌ଥି ୧ କୋଟି ୫୦ ଲାଖ୍ ଟଙ୍କାର୍ ବିକ୍ରିବଟା ହେଇଛେ । ଇନ ଜନେଇ ଦିଆଯାଇପାରେ ଯେ, ବୟନିକାର୍ ଇ ଦୁହି ସୋ ରୁମ୍‌ଥି ସମ୍ବଲ୍‌ପୁରୀ ବାନ୍ଧଶାଢ଼ୀ ଆର୍ କପଡ଼ା, ହବସ୍‌ପୁରୀ ଶାଢ଼ୀ ସହେତେ ରାଜ୍ୟର୍ ବୁଣାକାର୍‌ମାନେ ତିଆରିଥିବା ହାତବୁନା ଶାଢ଼ୀ ଆର୍ କପଡ଼ା ମିଲୁଛେ ।

କୃଷି ଯନ୍ତ୍ରପାତି ମେଳା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ କୃଷି ଯାନ୍ତ୍ରିକିକରଣ୍ ଜରିଏ ଚାଷୀମାନ୍‌କର୍ ଆୟ ବଢ଼ାବାର୍‌କେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ହେବାର୍‌କେ ଯାଉଛେ । ଆଏବାକାଏଲ୍ ସମ୍ବଲ୍‌ପୁର୍ ଜିଲ୍ଲାର୍ ରେଢ଼ାଖୋଲ ଆର୍ ୬ ତାରିଖ୍ ଦିନ କଲାହାଣ୍ଡି ଜିଲ୍ଲାର୍ ଧରମ୍‌ଗଡ଼୍ ନ କୃଷି ଯନ୍ତ୍ରପାତି ମେଳା ହେବା । ସେନ୍ତା ଆଏବା ୧୨ ତାରିଖ୍ ଦିନ ଅନୁଗୁଲ୍ ଜିଲ୍ଲାର୍ ଆଠ୍‌ମଲ୍ଲିକ୍ ଆର୍ ବଲାଙ୍ଗିର୍ ଜିଲ୍ଲାର୍ ଟିଟିଲାଗଡ଼୍, ଗଞ୍ଜାମ୍ ଜିଲ୍ଲାର୍ ଭଞ୍ଜନଗର୍ ଆର୍ ମୟୁର୍‌ଭଞ୍ଜ୍ ଜିଲ୍ଲାର୍ କରଞ୍ଜିଆ ନ କୃଷି ଯନ୍ତ୍ରପାତି ମେଳା ହେବା । ଇ ମେଳାଥି ଭିନ୍ ଭିନ୍ କୃଷି ଯନ୍ତ୍ରପାତିର୍ ଲାଗି ସର୍‌କାରୀ ଆର୍ଥିକ୍ ସହାୟତା ବାବ୍‌ଦେ ଚାଷୀମାନ୍‌କୁ ସଚେତନ୍ କରାଯିବାର୍ ସଙ୍ଗେ ରଣର

ବ୍ୟବସ୍ଥା ଆଉ ତହାଲ୍ ବୁକିଂ ବ୍ୟବସ୍ଥା ଭିଲ୍ ରହେବା । ଇ ବାବ୍‌ଦେ ଅଏତ୍‌କା ସୂଚ୍‌ନାର୍ ଲାଗି କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର୍ **୧୫୫-୩୩୩** କେ ଯୋଗାଯୋଗ୍ କରାଯାଇପାର୍‌ବା ।

ବଲାଙ୍ଗିର୍- ମୁଖ୍ୟମନ୍ତ୍ରୀ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଗଲାକାଏଲ୍ ଭିତିପ୍ରସ୍ତର୍ ଦିଆଯାଇଥିବା ୮ ଶହ ୯୦ କୋଟି ଟଙ୍କାର୍ ୮୩ ଟା ପ୍ରକଳ୍ପ କାମ୍ ଖୋବ୍ ଜଲ୍‌ଦି ମୁଲ୍ ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ ବଲାଙ୍ଗିର୍ ନ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ସେ କହିଛନ୍ ଯେ, ଇ ପ୍ରକଳ୍ପ କାମ୍ ମାନ୍‌କେ ତ୍ୱରାନ୍ୱିତ୍ କର୍‌ବାର୍ ଲାଗି ଫି ମାସ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ସମୀକ୍ଷା କର୍‌ବେ । ସେ କହିଛନ୍ ...

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଅନ୍ତର୍ଜାତୀୟ ଜୈବମଣ୍ଡଳ ସଂରକ୍ଷଣ୍ ଦିବସ

ଆର୍‌ଏନ୍‌ୟୁ/ କଟକ୍

ଆଏଜ୍ ହେଉଛେ ଅନ୍ତର୍ଜାତୀୟ ଜୈବମଣ୍ଡଳ ସଂରକ୍ଷଣ୍ ଦିବସ୍ । ପରିବେଶ୍ ଆର୍ ଲୁକ୍କର୍ ଭିତ୍‌ରେ ସମ୍ପର୍କକେ ଜବର୍ କର୍‌ବାର୍ ସଙ୍ଗେ ଜୈବ ବିବିଧତାର ସଂରକ୍ଷଣ୍‌ଥି ଲୋକ୍‌ମାନ୍‌କର୍ ଭୂମିକାର୍ ବାର୍ତାକେ ନେଇକରି ଇ ଦିବସ୍ ପାଲନ୍ କରାଯାଏସି । ୨୦୨୧ ମସିହାଥି ୟୁନେସ୍କୋର ସାଧାରଣ ଅଧିବେଶନ୍‌ଥି ଇ ଦିବସ୍ ପାଲନ୍ ଲାଗି ନିଷ୍ପତି ନିଆଯାଇଥିଲା । ୟୁନେସ୍କୋର୍ ତଥ୍ୟ ଅନ୍‌ସାରେ ପୁର୍‌ଥିର୍ ଶହେ ୩୬ ଟା ଦେଶେ ୭ ଶହ ୫୯ ଟା ଜୈବ ମଣ୍ଡଲ୍ ସଂରକ୍ଷଣ୍ ଜାଗା ଅଛେ ।

ମାଦକ ଦ୍ରବ୍ୟ- ରାଜ୍ୟ ସର୍‌କାର୍ ଆର୍‌ଏନ୍‌ୟୁ/ କଟକ୍

ସ୍କୁଲ୍ ମାନ୍‌କର୍‌ନୁ ୩ ଶହ ଫୁଟ୍ ଭିତ୍‌ରେ ମାଦକ ଦ୍ରବ୍ୟ ଆର୍ ନିଶା ବିକ୍ରିକେ ନିଷିଦ୍ଧ ଘୋଷ୍‌ନା କରିଥିବାର୍ ବେଲେ ଇ ନିୟମ୍ ଭାଙ୍ଗ୍‌ଲେ କଠୋର୍ କାର୍ଯ୍ୟାନୁଷ୍ଠାନ୍ କର୍‌ବାର୍‌କେ ରାଜ୍ୟ ସର୍‌କାର୍ ନିଷ୍ପତି ନେଇଛନ୍ । ଇ ବାବ୍‌ଦେ ରାଜ୍ୟ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍‌ର ସଚିବ ଅଶ୍ୱତ୍‌ଥି ଏସ୍. ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ସଚିବଙ୍କୁ ଚିଠି ଲେଖିଛନ୍ ।

ବୌଦ୍ଧ- ଦୁର୍ଘଟଣା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ପୁରୁଣାକଟକ୍ ଥାନା ଇଲାକାର୍ ଘୁଡାଡିଆଁ ପାଖେ ଗଲାରାତି ଗଛ୍‌କେ ଧକ୍କା ଦେଇକରି କାର୍ ଦୁର୍ଘଟଣାଗ୍ରସ୍ତ ହେବାର୍ ଘଟ୍‌ନାଥି ୪ ଝନ୍ ଯୁଆନ୍ ପିଲା ଗୁରୁତର୍ ଆହତ୍ ହେଇଛନ୍ । ବୌଦ୍ଧ ସହରର୍ ବାସିନ୍ଦା ଚାର୍‌ହି ପିଲାକୁ ବୌଦ୍ଧ ମୁଖ୍ୟ ଡାକ୍ତର୍‌ଖାନା ନ ଚିକିତ୍ସା ଉତ୍‌ରୁ ବୁର୍ଲା, ବର୍‌ଗଡ଼୍ ଆର୍ ଭୁବ୍‌ନେଶ୍ୱର୍‌କେ ପଠାଯାଇଛେ ।

ସେଆଡ଼େ ସୁବର୍ଣ୍ଣପୁର୍ ଜିଲ୍ଲା ସୁବଲିୟା ଥାନା ଇଲାକାର୍ ଟେଭାପଦର୍ ଛକ୍ ନ ବୋଲେରୋ ଧକ୍କାଥି ଝନେ ୭୦ ବର୍ଷିୟା ବୁଢ଼ା ଲୁକର୍ ଜୀବନ୍ ଯାଇଛେ । ପୁଲିସ୍ ଘଟ୍‌ନା ଜାଗା ନ ପୁହୁଁଚିକରି ବୋଲେରୋକେ ଜପତ୍ କର୍‌ବାର୍ ସଙ୍ଗେ ଡ୍ରାଇଭର୍‌କେ ଅଟକ୍ ରଖିକରି ତଦନ୍ତ୍ ଚଲେଇଛେ ।

ବୌଦ୍ଧ-ଗିରି ଗୋବର୍ଦ୍ଧନ୍ ପୂଜା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଶନିବାର୍ ରାତି ଗିରି ଗୋବର୍ଦ୍ଧନ୍ ପୂଜା ହେଇଯାଇଛେ । କାଲେଶ୍ୱର୍ ଆର୍ ନାରାୟଣ୍‌ପୁର୍ ସହେତେ ଆର୍ କେତେ ଜାଗା ନ ଅନ୍ନର୍ ପାହାଡ଼୍ ଉପ୍‌ରେ ଶ୍ରୀ ରାଧାକୃଷ୍ଣଙ୍କର୍ ଚଳନ୍ତି ପ୍ରତିମାକେ

ବିରାଜ୍‌ମାନ୍ କରିକରି ପୂଜା କରାଯାଇଥିଲା । ଇତାର୍‌ସଙ୍ଗେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ହେଇଥିଲା ।

## ରାଜ୍ୟ ଉପମୁଖ୍ୟ ନିର୍ବାଚନ୍ ଅଧିକାରୀ-ସମ୍ବଲପୁର

ସମ୍ବଲ୍‌ପୁର୍ ସମ୍ବାଦଦାତା

ରାଜ୍ୟ ଉପମୁଖ୍ୟ ନିର୍ବାଚନ୍ ଅଧିକାରୀ ଡକ୍ଟର୍ ଲକ୍ଷ୍ମୀପ୍ରସାଦ୍ ସାହୁ ଗଲାକାଏଲ୍ ସମ୍ବଲ୍‌ପୁର୍ ଜିଲ୍ଲା ଗସ୍ତ ନ ଆସିକରି ଭୋଟର୍ ତାଲିକାର୍ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ୍ କାମ୍‌ର ତଦାରଖ୍ କରିଛନ୍ । ସେ ରେଙ୍ଗାଲି ବିଧାନ୍‌ସଭା ଆସନ୍‌ର ୬ ଟା ବୁଥ୍ ଭିଲ୍ ବୁଲିକରି ବୁଥ୍‌ସ୍ତରୀୟ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଥିଲେ ।

## ନିଧି ରଥର ଶୁଭାରମ୍ଭ

ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତର୍‌ଫୁ ବ୍ଲକ୍‌ସ୍ତରୀୟ ମଶାରୀ ବଂଟନ୍ ନିଧି ରଥର ଶୁଭାରମ୍ଭ କରାଯାଇଛେ । ବିଲାସ୍‌ପୁର୍ ଠାନେ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ ଶାଗୁଆ ପତାକା ଦେଖେଇକରି ନିଧି ରଥର ଶୁଭାରମ୍ଭ କରିଥିଲେ । ଇ ଅବ୍‌ସରେ ହେଇଥିବା ସଭାଥି

ବିଧାୟକ୍‌ଙ୍କର୍ ସହେତେ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଆର୍ ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍ ଅତିଥି ଭାବେ ଯୋଗ୍ ଦେଇକରି ମେଲେରିଆର୍‌ର ନିରାକରଣ୍ ବାବ୍‌ଦେ ଲୋକ୍‌ମାନ୍‌କୁ ବୁଝେଇଥିଲେ ।

ଭାରତ୍ - ଇଂଲଣ୍ଡ୍ ମେଚ୍- ବାରବାଟୀ     ଆର୍‌ଏନ୍‌ୟୁ/ ସମ୍ବଲପୁର

କଟକ୍ ବାର୍‌ବାଟୀ ଷ୍ଟାଡ଼ିୟମ୍ ନ ଆଏବା ୯ ତାରିଖ୍ ଦିନ ଭାରତ୍ ଆର୍ ଇଂଲଣ୍ଡ୍ ଭିତ୍‌ରେ ଦିନ୍‌କିଆ ଆନ୍ତର୍ଜାତିକ୍ କ୍ରିକେଟ୍ ମେଚ୍ ଖେଲାଯିବା । ହେଥିର୍‌ଲାଗି ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ଗୁଟେ ସାଧାରଣ୍ ବୈଠକ୍ ଆଏଜ୍ ହେଇଯାଇଛେ ।

ସାଇବର୍ ଠକେଇ     ଆର୍‌ଏନ୍‌ୟୁ/ କଟକ୍

କଟକ୍ ଆର୍ ଭୁବ୍‌ନେଶ୍ୱର୍ ନ ଗଲା ମାସ ୭ ଶହ ୮୦ ଝନ୍ ୯ କୋଟି ନୁ ଅଏତ୍‌କା ଟଙ୍କାର୍ ସାଇବର୍ ଠକେଇର୍ ଶିକାର୍ ହେଇଛନ୍ । ପୁଲିସ୍ ସୂତ୍ରନୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ପୁଲିସ୍‌ର ହସ୍ତକ୍ଷେପ୍ ଉତ୍‌ରୁ ପାଖାପାଖି ୧ କୋଟି ୩୦ ଲାଖ୍

ଅଏତ୍‌କା ଟଙ୍କା ଅଭିଯୋଗ୍‌କାରୀମାନେ ଫିରିପାଇଥିବାର୍ ବେଲେ ପାଖାପାଖି ୧ କୋଟି ୮୩ ଲାଖ୍ ଟଙ୍କାକେ ବ୍ଲକ୍ କରାଯାଇଛେ । ସାଇବର୍ ଅପରାଧୀମାନେ ୟୁପିଆଇ, କ୍ରେଡ଼ିଟ୍‌କାର୍ଡ୍, ଡେବିଟ୍ କାର୍ଡ୍ ଆର୍ ସାମାଜିକ୍ ଗଣମାଧ୍ୟମ୍ ଜରିଏ ଠକେଇ କରିଛନ୍ ।